# Telephone Conversation between Prime Minister and His Royal Highness The Prince of Wales

# ପ୍ରଧାନମନ୍ତ୍ରୀ ଏବଂ ୱେଲ୍ସ ର ପ୍ରିନ୍ସଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପ

ଏପ୍ରିଲ୍ 02, 2020

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମାନ୍ୟବର ୱେଲ୍ସ ପ୍ରିନ୍ସଙ୍କ ସହିତ ଟେଲିଫୋନ୍ ବାର୍ତ୍ତାଳାପ କରିଥିଲେ।

ଚାଲୁଥିବା କୋଭିଡ -19 ମହାମାରୀ ବିଷୟରେ ଦୁଇ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନା କରିଥିଲେ। ଗତ କିଛି ଦିନ ହେବ ବ୍ରିଟେନରେ ହୋଇଥିବା ଜୀବନ ଓ ସମ୍ପତ୍ତି ହାନି ନେଇ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି । ମହାମହିମ ତାଙ୍କ ଅସୁସ୍ଥତାରୁ ଆରୋଗ୍ୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

ଏହି ମହାମାରୀର ମୁକାବିଲା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାତୀୟ ସ୍ୱାସ୍ଥ୍ୟ ସେବାର ଅନେକ ସଦସ୍ୟଙ୍କ ସମେତ ବ୍ରିଟେନରେ ଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ମହାମହିମ ପ୍ରିନ୍ସ ପ୍ରଶଂସା କରିଥିଲେ। ସେ ବ୍ରିଟେନରେ ଥିବା ଭାରତୀୟ ସମ୍ପ୍ରଦାୟର ଧାର୍ମିକ ତଥା ସାମାଜିକ ସଂଗଠନ ଦ୍ୱାରା କରାଯାଉଥିବା ନିସ୍ୱାର୍ଥପର ସେବା ନେଇ ଉଲ୍ଲେଖ କରିଥିଲେ।

ବର୍ତ୍ତମାନର ସଙ୍କଟ ସମୟରେ ଭାରତରେ ଫସି ରହିଥିବା ବ୍ରିଟିଶ ନାଗରିକମାନଙ୍କୁ ଦିଆଯାଇଥିବା ସୁବିଧା ତଥା ସହାୟତା ପାଇଁ ମହାମହିମ ପ୍ରିନ୍ସ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଆୟୁର୍ବେଦ ପ୍ରତି ସର୍ବଦା ଆଗ୍ରହ ପ୍ରକାଶ କରିଥିବାରୁ ପ୍ରଧାନମନ୍ତ୍ରୀ ମହାମହିମ ପ୍ରିନ୍ସଙ୍କୁ ଧନ୍ୟବାଦ ଜଣାଇଥିଲେ। କ୍ଷୁଦ୍ର ଆନିମେସନ୍ ଭିଡିଓ ମାଧ୍ୟମରେ ମୌଳିକ ଯୋଗ ବ୍ୟାୟାମ ଶିକ୍ଷା ଦେବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ସହଜ ଘରୋଇ ନିର୍ମିତ ପାରମ୍ପରିକ ଉପଚାର ପ୍ରସ୍ତୁତ କରିବା ଲକ୍ଷ୍ୟରେ ନିକଟରେ ହୋଇଥିବା ଭାରତୀୟ ପଦକ୍ଷେପକୁ ସେ ବ୍ୟାଖ୍ୟା କରିଥିଲେ । ବିଶେଷକରି ସାମ୍ପ୍ରତିକ ପରିସ୍ଥିତିରେ, ମହାମହିମ ପ୍ରିନ୍ସ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବୃଦ୍ଧି ପାଇଁ ଏହି ପଦକ୍ଷେପଗୁଡିକର ସମ୍ଭାବନାକୁ ପ୍ରଶଂସା କରିଥିଲେ ।

**ନୂଆ ଦିଲ୍ଲୀ**
**ଏପ୍ରିଲ 02, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.